www.saigurukulschool.in



# SAI GURUKUL SCHOOL

## (DAY- CUM- RESIDENTIAL)

**UDISE CODE- 21190409952**

# PROSPECTUS

SRIRAM NAGAR, COLLEGE ROAD, BHANJANAGAR, GANJAM

CELL : 7008336446, 9937109370

## ଆମର ଆଭିମୁଖ୍ୟ

ସାଧାରଣ ଶିକ୍ଷା (EDUCATION) କେବଳ ଜୀବିକା ପାଇଁ, ଜୀବନ ପାଇଁ ନୁହେଁ । ଜୀବନ ପାଇଁ ଦରକାର ନୈତିକ ଶିକ୍ଷା (EDUCARE) । ସାଧାରଣ ଶିକ୍ଷା (EDUCATION) ନୈତିକ ଶିକ୍ଷା (EDUCARE)ର ସମିଶ୍ରଣରେ ସୃଷ୍ଟି ହୋଇଛି ମାନବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା । ଯାହା ଫଳରେ ଜଣେ ଛାତ୍ର/ଛାତ୍ରୀ ଉଚ୍ଚ ଶିକ୍ଷିତ ଉଚ୍ଚ ଶିକ୍ଷିତା ହେବା ସାଥେ ସାଥେ ଜଣେ ନୈତିକ ରୁଚି ସମ୍ପୂର୍ଣ୍ଣ ମନୁଷ୍ୟରେ ପରିଣତ ହୋଇପାରିବେ । ଏହାକୁ ଦୃଷ୍ଟିରେ ରଖି ଆଧୁନିକ ଶିକ୍ଷା ଓ ପ୍ରାଚୀନ ଗୁରୁକୁଳ ପରମ୍ପରା ର ସମନ୍ୱୟରେ ଏକ ନୂତନ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରାଯାଇଛି । ଯାହା ଦ୍ୱାରା ଉଚ୍ଚ ନୈତିକ ମୂଲ୍ୟବୋଧ ଯୁକ୍ତ ଛାତ୍ର/ଛାତ୍ରୀ ଗଠନ କରିବା "ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ" ର ମୂଳଲକ୍ଷ୍ୟ ଯୋଗ, ବ୍ୟାୟାମ ଠାରୁ ଆରମ୍ଭ କରି ପିଲାମାନଙ୍କ ଭିତରେ ଥିବା ଈଶ୍ୱରଦତ୍ତ ଅନ୍ତ ନିର୍ହିତ ଗୁଣ (CO-CURRICULAR ACTIVITIES) । ଯଥା- ଅଭିନୟ, ନୃତ୍ୟ, ସଙ୍ଗୀତ, ବାଦ୍ୟ, ସିଲେଇ, ଚିତ୍ରକଳା, ତର୍କ, ରଚନା, ସାଧାରଣ ଜ୍ଞାନ, କୁଇଜ୍ ଏବଂ ବିଜ୍ଞାନର ବିକାଶ ଘଟାଇବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷିତ ଶିକ୍ଷକଙ୍କ ଦ୍ୱାରା ଶିକ୍ଷା ଦିଆଯାଉଛି । ଏତଦ୍ ବ୍ୟତୀତ ଅନ୍ୟ ସାଧାରଣ ସରକାରୀ ପାଠ୍ୟ ସହ ଅନୁଭୂତି ସମ୍ପୂର୍ଣ୍ଣ ତାଲିମ ପ୍ରାପ୍ତ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନର ବ୍ୟବସ୍ଥା କରାଯାଇଅଛି । ଏକ ଉନ୍ନତଧରଣର କମ୍ପ୍ୟୁଟର ଲ୍ୟାବ ଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଆରମ୍ଭରୁ ହିଁ କମ୍ପ୍ୟୁଟର ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଉଅଛି । ସ୍ୱତନ୍ତ୍ର ବିଜ୍ଞାନଗାରା ଓ ଲାଇବ୍ରେରୀର ବ୍ୟବସ୍ଥା କରି ଛାତ୍ର/ଛାତ୍ରୀମାନଙ୍କୁ ଅଧିକ ଜ୍ଞାନ ଆହରଣ କରିବାରୁ ସୁଯୋଗ ସୃଷ୍ଟି କରାଯାଇଅଛି । ଏକ ଉତ୍ତମ ଆଧ୍ୟାତ୍ମିକ ଓ ମୁକ୍ତ ପରିବେଶ ସର୍ବୋପରି ଏକ ସୁସଙ୍ଗଠିତ ପ୍ରଶାସନିକ ବ୍ୟବସ୍ଥା ଓ ସି.ସି. କ୍ୟାମେରା ଦ୍ୱାରା ସ୍କୁଲର ସମସ୍ତ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶୃଙ୍ଖଳିତ କରିବାର ନିଶ୍ଚିତ ବ୍ୟବସ୍ଥା କରାଯାଇଅଛି ।

**ଶିକ୍ଷାଦାନ : ଶିକ୍ଷାଦାନ ବର୍ଷ ଏପ୍ରିଲ ମାସରେ ଆରମ୍ଭ ଓ ମାର୍ଚ୍ଚ ମାସରେ ସମାପ୍ତ**

## ବିଦ୍ୟାଳୟରେ ନାମ ଲେଖିବା ନିୟମ

୧. ଇଚ୍ଛୁକ ଅଭିଭାବକ ନିଜର ପିଲାମାନଙ୍କ ନାମ ଲେଖାଇବା ସମୟରେ ପିଲାମାନଙ୍କ ନିର୍ଭୁଲ ଜନ୍ମ ତାରିଖ ଓ ପ୍ରମାଣ ପତ୍ର ଉପସ୍ଥାପନ କରିବେ । ଶ୍ରେଣୀ ..........................ମଧ୍ୟରେ ନାମ ଲେଖାଇବାକୁ ହେଲେ ଆବଶ୍ୟକ ସ୍ଥଳେ ମାର୍କ ସିଟ୍ ଓ ଟି.ସି. ଦାଖଲ କରିବେ ।

୨. ବିଦ୍ୟାଳୟ ଦେୟ/ଯାନବାହାନ ଦେୟ ପ୍ରତ୍ୟେକ ମାସର ପନ୍ଦର ତାରିଖ ମଧ୍ୟରେ ଦାଖଲ କରିବେ । ନଚେତ୍ ବିଳମ୍ବ ଦେୟ ମାସ ପ୍ରତି ୫୦ଟଙ୍କା ଜୋରିମାନା ସହ ଦେବେ ।

୩. ଶ୍ରେଣୀ.............. ରେ ନାମ ଲେଖାଇବା ପାଇଁ ............ ହଷ୍ଟେଲ୍ ପାଇଁ .................. ଖାଦ୍ୟ ପେୟ ବାବଦକୁ ............. ବାହାନ ଭଡା ବାବଦକୁ .............. ମୋଟ ଜମା ଦେବେ ।

## ଶିକ୍ଷାଦାନର ବ୍ୟବସ୍ଥା : ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନର ବ୍ୟବସ୍ଥା

୧. **ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଡିଜିଟାଲ୍ କ୍ଲାସ୍ ଦ୍ୱାରା ଶିକ୍ଷାଦାନ ଦିଆଯାଏ ।**

୨. ସକାଳ ୦୭.୩୦ ମି. ରୁ କୋଚିଂ ଏବଂ ସକାଳ ଘ. ୧୦.୩୦ ରୁ ଅପରାହ୍ନ ଘ. ୦୪.୦୦ ସାଧାରଣ କ୍ଲାସ୍

୩. ସନ୍ଧ୍ୟା ଘ. ୦୬.୩୦ ରୁ ଘ. ୦୮.୩୦ ମି. ପର୍ଯ୍ୟନ୍ତ କୋଚିଂ କ୍ଲାସ୍ (DOUBT CLEAR)

୪. DAY SCHOLAR ପିଲାମାନଙ୍କ ପାଇଁ ସ୍କୁଲକୁ ଆସିବା ପାଇଁ ସ୍ୱତନ୍ତ୍ର ସ୍କୁଲ୍ ବାହାନର ବ୍ୟବସ୍ଥା ରହିଛି ।

୫. ଓଡ଼ିଶା ସରକାରଙ୍କ ଶିକ୍ଷା ଖସଡା ସହିତ ଅତିରିକ୍ତ ଇଂରାଜୀ, କମ୍ପ୍ୟୁଟର, ଭଜନ, ଯୋଗ, ଅଭିନୟ, ସଙ୍ଗୀତ, ନୃତ୍ୟ, ତର୍କ, ଚିତ୍ରକଳା, ବାଦ୍ୟ, ସାଧାରଣ ଜ୍ଞାନ, କୁଇଜ୍, ବିଜ୍ଞାନର ପ୍ରୟୋଗାତ୍ମକ ଜ୍ଞାନ ଓ ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦିଆଯାଏ ।

## ଆବାସିକ ଓ ବାହ୍ୟ ଛାତ୍ର/ଛାତ୍ରୀଙ୍କ ନିମନ୍ତେ ଦୈନିକ କାର୍ଯ୍ୟସୂଚୀ

| | | | |
|---|---|---|---|
| ପ୍ରାତଃ | ଘ. ୦୫ ଟା ରୁ ୦୬ ଟା | : | ଯୋଗ ଓ ବ୍ୟାୟମ |
| ପ୍ରାତଃ | ଘ. ୦୬ ଟା ରୁ ୦୭ ଟା | : | ନିତ୍ୟକର୍ମ ସମାପନ ଓ ପ୍ରାତଃ ଜଳଯୋଗ |
| ପ୍ରାତଃ | ଘ. ୦୭ ଟା ରୁ. ୦୭.୨୦ ମି. | : | ପ୍ରାର୍ଥନା |
| ପ୍ରାତଃ | ଘ. ୦୭.୩୦ ମି. ରୁ ସକାଳ ୦୯.୩୦ ମି. | : | କୋଚିଂ କ୍ଲାସ୍ |
| ସକାଳ | ଘ. ୦୯.୩୦ ମି. ରୁ ୧୦.୧୦ ମି. | : | ଭୋଜନ |
| ସକାଳ | ଘ. ୧୦.୧୦ ମି. ରୁ ମଧ୍ୟାହ୍ନ ଘ. ୦୧.୨୦ ମି. | : | ସାଧାରଣ ଶିକ୍ଷାଦାନ |
| ମଧ୍ୟାହ୍ନ | ଘ. ୦୧.୨୦ ମି. ରୁ ୦୨.୦୦ ଟା | : | ମଧ୍ୟାହ୍ନ ଭୋଜନ |
| ମଧ୍ୟାହ୍ନ | ଘ. ୦୨.୦୦ ଟା ରୁ ଅପରାହ୍ନ ୦୪.୦୦ ଟା | : | ସାଧାରଣ ଶିକ୍ଷାଦାନ |
| ଅପରାହ୍ନ | ଘ. ୦୪.୩୦ ମି. ରୁ ୦୫.୩୦ ମି. | : | ଖେଳ |
| ଅପରାହ୍ନ | ଘ. ୦୫.୩୦ ମି. ରୁ ୦୬.୦୦ ଟା | : | ସାନ୍ଧ୍ୟ ଜଳଯୋଗ |
| ଅପରାହ୍ନ | ଘ. ୦୬.୦୦ ଟା ରୁ ସନ୍ଧ୍ୟା ୦୬.୨୦ ମି. | : | ପ୍ରାର୍ଥନା |
| ସନ୍ଧ୍ୟା | ଘ. ୦୬.୩୦ ମି. ରୁ ରାତ୍ର ୦୮.୩୦ ମି. | : | କୋଚିଂ କ୍ଲାସ୍ |
| ରାତ୍ର | ଘ. ୦୮.୩୦ ମି. ରୁ ୦୯.୩୦ ମି. | : | ରାତ୍ରଭୋଜନ |

## ସମ୍ମିଳନୀ

ବର୍ଷକୁ ଥରେ ମାତୃ ସମ୍ମିଳନୀ ଥରେ ପିତୃ ସମ୍ମିଳନୀ ଓ ଗୃହ ସାକ୍ଷାତକାର ଜରିଆରେ ଉଭୟ ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଆଲୋଚନ କରାଯାଇ ସମସ୍ତ ସମସ୍ୟାର ସମାଧାନ କରାଯାଇପାରିବ ।

## ବିଦ୍ୟାଳୟର ପୋଷାକ

ବାଳକ : ମେରୁନ୍ ଚେକ୍ ହାଫ ସାର୍ଟ ଓ ମେରୁନ୍ ଫୁଲ ପ୍ୟାଣ୍ଟ

ବାଳିକା : ମେରୁନ୍ ଚେକ୍ ସାଲୁଆର ଓ ମେରୁନ୍ ସାଲୁଆର ପ୍ୟାଣ୍ଟ କଳା ବୁଟ୍ ସହ ମେରୁନ୍ ମୋଜା

## ପରୀକ୍ଷା ଓ ଉତ୍ତୀର୍ଣ୍ଣ ପ୍ରଣାଳୀ

ପ୍ରତ୍ୟେକ ବିଷୟ ପାଇଁ ମାସିକ, ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷା ଓ ଶ୍ରେଣୀଗତ ପରୀକ୍ଷା କରାଯାଏ । ଗ୍ରେଡ ଭିତ୍ତିରେ ମୂଲ୍ୟାଙ୍କନ କରି ପରୀକ୍ଷା ଫଳ ପ୍ରକାଶ କରାଯାଏ । ଯୁକ୍ତିଯୁକ୍ତ କାରଣ ନ ଥାଇ ଛାତ୍ର/ଛାତ୍ରୀମାନେ ପରୀକ୍ଷାରେ

ଅନୁପସ୍ଥିତ ରହିଲେ ଚିକିତ୍ସଙ୍କ ଚିକିତ୍ସା ପ୍ରମାଣ ପତ୍ର ବା ଅନ୍ୟ ସରକାରୀ ପ୍ରମାଣ ପତ୍ର ବିଦ୍ୟାଳୟରେ ଦାଖଲ କରିବେ । ଶ୍ରେଣୀରେ ୭୫ ଶତାଂଶ ଉପସ୍ଥାନ ରହିବା ବିଧେୟ ।

## ଛାତ୍ର/ଛାତ୍ରୀ ଗ୍ରହଣ ସମୟ

ପ୍ରତି ବର୍ଷର ଡିସେମ୍ବର ୧ ତାରିଖ ଠାରୁ ମାର୍ଚ୍ଚ ୩୦ ତାରିଖ ମଧ୍ୟରେ ବିଦ୍ୟାଳୟ କାର୍ଯ୍ୟାଳୟରେ ୧୦୦ ଟଙ୍କା ଦାଖଲ କରି ଆବେଦନ ଫର୍ମ ନେଇ ପାରିବେ ।

## ଆମର ଆଭିମୁଖ୍ୟ

ଅନୁଷ୍ଠାନର ସାଧାରଣ ପାଳିତ ଉତ୍ସବ ବ୍ୟତୀତ ଜନ୍ମାଷ୍ଟମୀ, ରାମନବମୀ , ଇଦୁଲ୍ ଫିତର୍, ଗୁଡ୍ ଫ୍ରାଇଡେ, ଶିରିଡି ସାଇ ଓ ସତ୍ୟ ସାଇ ଜୟନ୍ତୀ, କ୍ରୀଡା ଉତ୍ସବ, ପ୍ରତିଷ୍ଠା ଉତ୍ସବ, ଗଣେଶ ପୂଜା, ସରସ୍ୱତୀ ପୂଜା ଇତ୍ୟାଦି ପାଳନ କରାଯାଏ ।

## ଆମର ସ୍କୁଲ୍ ଅବସ୍ଥିତି ଓ ପରିବେଶ

ଭଞ୍ଜନଗର ସହର ନିକଟ ଲାଲସିଂ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭଞ୍ଜନଗର ଫୁଲବାଣୀ ରାଜ୍ୟ ସଡକ ପାର୍ଶ୍ୱରେ ଅବସ୍ଥିତ । ସମ୍ପୂର୍ଣ୍ଣ ଗୁରୁକୁଳ ପରିବେଶରେ ପରିବେଷ୍ଟିତ ଶାନ୍ତ ଓ ସ୍ନିଗ୍ଧ ଓ ପ୍ରାକୃତିକ ଦୃଶ୍ୟାବଳୀ ରେ ଭରପୁର । ସ୍କୁଲର ଚତୁଃପାର୍ଶ୍ୱରେ ରହିଛି  ବଣ, ପାହାଡ ଓ ଭଞ୍ଜନଗରର ରସୁଲ କୋଣ୍ଡା ଜଳ ଭଣ୍ଡାରର ଅପୂର୍ବ ଶୋଭାରାଜି ସହ ଏକ ମନୋରମ ବିଜୁପଟ୍ଟନାୟକ ଶିଶୁ ଉଦ୍ୟାନ ଯାହା ପିଲାମାନଙ୍କୁ ବର୍ଷ ସାରା ବୁଲିବା ପାଇଁ ଆକୃଷ୍ଟ କରିଥାଏ  । ତତସଙ୍ଗେ ରହିଛି ଅନେକ ଛୋଟ ବଡ ମନ୍ଦିର ଯଥା- ଶିରିଡି ସାଇ, ସତ୍ୟସାଇ, ହନୁମାନ, ଶିବ, ଠାକୁରାଣୀ,  ବ୍ୟାର୍ଘଦେବୀ, ସୋରାଦେବୀ ଓ ରଘୁନାଥ ମନ୍ଦିର ଯାହା ସାର ସହରକୁ ଏକ ଆଧାମ୍ତିକ ଭାବନାରେ ବାନ୍ଧି ରଖିପାରିଛି । ଶିକ୍ଷାର ଉତ୍କର୍ଷତା ପାଇଁ ରହିଛି ଅନେକ ସ୍କୁଲ୍ ଓ କଲେଜ । ବହିରାଗତ ଲୋକମାନଙ୍କ ରହିବା ଖାଇବା ପାଇଁ ରହିଛି ଅନେକ ହୋଟେଲ୍, ଲର୍ଜିଂ ଓ ସରକାରୀ ଡାକବଙ୍ଗଳା । ସ୍ୱାସ୍ଥ୍ୟ ସେବା ପାଇଁ ରହିଛି ଏକ ଉପଖଣ୍ଡ ସ୍ତରୀୟ ସରକାରୀ ଚିକିତ୍ସାଳୟ ଓ ଅନେକ ବେସରକାରୀ ଚିକିତ୍ସାଳୟ । ବିଭିନ୍ନ ସହର ଓ ବିଭିନ୍ନ ଜିଲ୍ଲାରୁ ଭଞ୍ଜନଗରକୁ ଯୋଗାଯୋଗ କରିବା ପାଇଁ ରହିଛି ଅନେକ ଗୁଡିଏ ଉନ୍ନତ ଧରଣରର ପକ୍କାରାସ୍ତା । ଯାହା ଯାତାୟାତକୁ ସୁଗମ ଓ ଆରମ ଦାୟକ କରିଥାଏ ଏବଂ ସର୍ବୋପରି ଭଞ୍ଜନଗର ସହର ଏବଂ ଏହାର ଭୌଗୋଳିକ ପରିସ୍ଥିତି  ଓ ପରିବେଶ ପାଇଁ ସବୁ ବର୍ଗର ଲୋକମାନଙ୍କୁ ବର୍ଷସାରା ଆକୃଷ୍ଟ କରୁଥାଏ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାହା ପିଲାମାନଙ୍କ ଉତ୍ତମ ଶିକ୍ଷା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥାଏ ।

- ଓଁ ସାଇରାମ-

ପ୍ରଧାନ ଗୁରୁଜୀ
ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ
ଭଞ୍ଜନଗର, ଗଞ୍ଜାମ

( "ଜଣେ ବଡ ମଣିଷ ଭଲ ମଣିଷ ହେବାରେ ନିଶ୍ଚିତତା ନଥାଏ
କିନ୍ତୁ ଜଣେ ଭଲ ମଣିଷ ନିଶ୍ଚିତ ବଡ ମଣିଷରେ ରୁପାନ୍ତରିତ ହୋଇଥାଏ " )

Let us come to Search a Good & Ideal Student
& Join in our Sai Gurukul Residential School